ପ୍ରେସ୍‌ନୋଟ୍

# ଅହିଂସା ରଥର ଶୁଭାରମ୍ଭ କଲେ ଜିଲ୍ଲାପାଳ ।

ଅନୁଗୋଳ,ତା. ୧୯.୦୮ :-ନିର୍ଦ୍ଧାରିତ ସମୟ୍ ଦିନ ୧ ଘଟିକାରେ ୨ ଟି ରଥ ଢେଙ୍କାନାଳରୁ ଆସି ଜିଲ୍ଲା କାର୍ଯ୍ୟାଳୟ ପରିସରରେ ପହଞ୍ଚିବା ପରେ ଜିଲ୍ଲା ପ୍ରଶାସନ ତରଫରୁ ଏହାକୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା କରାଯାଇଥିଲା । ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜାଦି କା ଅମୃତ ମହୋତ୍ସବ ଅବସରରେ ବାହାରିଥିବା ଏହି ରଥକୁ ସର୍ବପ୍ରଥମେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଆନୁଷ୍ଠାନିକ ଭାବେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ରଥ ଆଜି ଠାରୁ ୨୧ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବ୍ଲକ୍ ଓ ପୌରାଞ୍ଚଳଗୁଡିକ ପରିକ୍ରମା କରିବ । ଏହି ପରିକ୍ରମା ସମୟରେ ଭାରତ ସ୍ୱାଧୀନତା,ଜାତିର ଜନକ ମହାତ୍ମାଗାନ୍ଧୀଙ୍କର ବାର୍ତ୍ତା,ଜାତୀୟ ସଂହତି , ଦେଶ ପ୍ରେମ ଓ ଜାତୀୟ ପତାକାର ବାର୍ତ୍ତା ଘରେ ଘରେ ପହଞ୍ଚାଇବ । ପ୍ରକାଶଥାଉକି ଏହି ରଥ ହର ଘର କାର୍ଯ୍ୟକ୍ରମରେ ସମସ୍ତ ଅଂଚଳ ପରିକ୍ରମା କରିବ । ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଶୁଭାରମ୍ଭ ହୋଇଥିବା କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଜଗମୋହନ ମୀନା, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଶ୍ରୀ ରଜନୀକାନ୍ତ ସ୍ୱାଇଁ ,ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଲଳିତ ମୋହନ ବେହେରା, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବଇତୁରା ଦିପ୍, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ନିରଞ୍ଜନ ସାହୁଙ୍କ ସମେତ ଜିଲ୍ଲା କାର୍ଯ୍ୟାଳୟର ଅଧିକାରୀମାନେ ପ୍ରମୁଖ ଉପସ୍ଥିତ ଥିଲେ । ଏହି ରଥ ଜାତୀୟତାର ବାର୍ତ୍ତା ବହନ କରି ଲୋକମାନଙ୍କୁ ଗାନ୍ଧୀଜୀଙ୍କ ଅହିଂସା ବାର୍ତ୍ତା ଓ ଭାରତ ସ୍ୱାଧୀନତା ସମ୍ପର୍କରେ ସଚେତନ କରିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ରଥ ବିଭିନ୍ନ ଗ୍ରାମରେ ଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ଗ୍ରାମ,ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ,ଦେବା ଦେବୀ ପୀଠ ପ୍ରଭୃତି ସ୍ଥାନ ପରିକ୍ରମା କରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଦେଶ ସ୍ୱାଧୀନତାର ସଫଳତାକୁ ନେଇ ସଭା ସମିତି ଆୟୋଜନ କରିବ । ଜିଲ୍ଲା ପ୍ରଶାସନ ତରଫରୁ ଏହି କାର୍ଯ୍ୟକ୍ରମରେ ସ୍କୁଲ ଛାତ୍ର ଛାତ୍ରୀ,ସ୍ୱୟଂ ସହାୟକ ଗୋଷ୍ଠୀ,ପଞ୍ଚାୟତ ନିର୍ବାଚିତ ଲୋକପ୍ରତିନିଧିମାନଙ୍କୁ ସାମିଲ କରାଯାଇଛି ।

**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।**

ଜ୍ଞାପକ ସଂଖ୍ୟା. ୪୮୩ ତା.୧୯.୮.୨୦୨୨

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

୧୯।୮।୨୨

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ


ଅହିଂସା
ରଥ
VEHICLE - 01
HR67 B 9866


ଅହିଂସା
ରଥ
VEHICLE - 01